# Akashvani, Sambalpur

# SAMBALPURI NEWS MORNING BULLETIN

# 1 April 2026 - 6.47- 6.52 am.

---

ଉଡ଼ିଶା ଦିବସ-ସମାରୋହ          ଆର୍ଏନ୍ୟୁ ସମ୍ବଲପୁର୍

ଭାଷାଭିତିଥି ରାଜ୍ୟ ଗଠନ୍ ହେବାର୍ଥି ଓଡ଼ିଶା- ଭାରତ୍‌ର ପହେଲା ରାଜ୍ୟ ଆଏ । ୧୯୩୬ ମସିହା ଆଝିର୍ ଦିନେ ଓଡ଼ିଶା ସ୍ୱତନ୍ତ୍ର ଭାଷା ଭିତିକ ରାଜ୍ୟ ହେଇଥିଲା । ଆଝିର୍ ଦିନ୍‌କେ ସୁର୍‌ତା କରିକରି ଏପ୍ରିଲ୍ ୧ ତାରିଖ୍‌କେ ଓଡ଼ିଶା ଦିବସ୍ ଭାବେ ପାଲନ୍ କରାଯାଉଛେ ।

ଓଡ଼ିଶା ଦିବସ୍ ପାଲନ୍ ଅବ୍‌ସରେ ରାଜ୍ୟପାଲ୍ ଡକ୍ଟର ହରିବାବୁ କମ୍ଭମ୍‌ପାଟି ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇକରି ଓଡ଼ିଶାକେ ଗୁଟେ ସମୃଦ୍ଧ ଆଉ ବିକଶିତ ରାଜ୍ୟ କର୍‌ବାର୍ଥି ସମ୍‌କୁ ସଂକଳ୍ପବଦ୍ଧ ହେବାର୍‌କେ ଆହ୍ୱାନ୍ ଦେଇଛନ୍ । ବାଚସ୍ପତି ସୁରମା ପାଢ଼ୀ ଓଡ଼ିଶା ଦିବସ୍ ଅବ୍‌ସରେ ପୁର୍‌ଥିର୍ ଚାର୍‌ହିଆଡ଼େ ରହୁଥିବା ଓଡ଼ିଆ ଭାଏବହେନ୍ ମାନ୍‌କୁ ଶୁଭେଚ୍ଛା ଜନେଇଛନ୍ ।

ଓଡ଼ିଶା ଦିବସ୍ ଅବ୍ସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠ୍ନଥି  ବଡ଼ ଅବଦାନ ଦେଇଥିବା ବରପୁତ୍ରମାନଙ୍କର ନୀତି ଆଉ ଆଦର୍ଶକେ  ସବୁ ପିଢ଼ିକେ ଅନୁପ୍ରାଣିତ୍ କରୁଛେ ବଲି ମୁଖ୍ୟମନ୍ତ୍ରୀ ତାଙ୍କର ବାର୍ତାଥି କହିଛନ୍ ।

ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍ଫୁ ଓଡ଼ିଶା ଦିବସ୍ ଅବ୍ସରେ ଆଏଜ୍ଠାନୁ ଏପ୍ରିଲ୍ ୧୪ ତାରିଖ୍ତକ୍ ଓଡ଼ିଆ ପକ୍ଷ ପାଲନ୍ କରାଯିବା । ପୁରୀ ଜିଲ୍ଲା ସୁଆଣ୍ଡୋ ଠାନେ ଆଏଜ୍ ସକାଲ୍ବେଲା ଆଉ ସଞ୍ଜ୍ବେଲା ଭୁବ୍ନେଶ୍ୱର୍ କୃଷି ଶିକ୍ଷା ସଦନ୍-ଓୟୁଏଟି ନ ରାଜ୍ୟସ୍ତରୀୟ ଓଡ଼ିଆ ଦିବସ୍ ସମାରୋହର୍ ଆୟୋଜନ୍ କରାଯିବା । କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ବିଧାନ୍ସଭା          ଆଇ ଆଣ୍ଡ୍ ପି.ଆର୍

ବିଧାନ୍ସଭାର୍ ବଜେଟ୍ ଅଧିବେଶନ୍ ୫ ଦିନ୍ ଆଘୋନୁ ଗଲାକାଏଲ୍ ଡେରୀ ରାତିତକ୍ ଚାଲ୍ବାର୍ ଉତ୍ରୁ ଶେଷ୍ ହେଇଛେ । ବାଚସ୍ପତି ସୁରମା ପାଢ଼ୀ ଗୃହକେ ଅନିର୍ଦ୍ଦିଷ୍ଟ ସମିଆତକ୍ ମୁଲ୍ତବୀ ଘୋଷ୍ନା

କରିଛନ୍ । ଅଧିବେଶନ୍‌ଥି ମୁଖ୍ୟମନ୍ତ୍ରୀଙ୍କର୍ ଉତର୍ ଉତ୍‌ରୁ ବ୍ୟୟମଞ୍ଜୁରୀ ବିଲ୍ ପାରିତ୍ ହେବାର୍ ସହେତେ ସବୁ ସର୍‌କାରୀ ବିଶ୍ୱବିଦ୍ୟାଳୟ ଶିକ୍ଷକ୍ କେଡ଼ର୍‌ଥି ସଂରକ୍ଷଣ୍ ବିଧେୟକ୍ ବିଲ୍-୨୦୨୬ ପାରିତ୍ ହେଇଛେ । ଇତାର୍‌ସହେତେ ବିଧାୟକ୍ ବାଚସ୍ପତି ଉପବାଚସ୍ପତି ଆଉ ମନ୍ତ୍ରୀମାନ୍‌କର୍ ଦର୍‌ମା, ଭତା ଆଉ ପେନ୍‌ସନ୍ ବଢ଼ାବାର୍ ବାବଦ୍ ୪ ଟା ବିଲ୍ ପ୍ରତ୍ୟାହାର୍ କରାଯାଇଛେ ।

ଭିସା ଆବେଦନ୍ କେନ୍ଦ୍ର ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍ ବାବା ସାହେବ୍ ଭୀମ୍‌ରାଓ ଆମ୍ବେଦ୍‌କର୍ ବସ୍ ଟର୍ମିନାଲ୍ ନ ଭିସା ଆବେଦନ୍ କେନ୍ଦ୍ରର୍ ଶୁଭାରମ୍ଭ କର୍‌ବେ । ଇ ସେବାକେନ୍ଦ୍ର ଜରିଏ ଭିନ୍ ଭିନ୍ ରାଷ୍ଟ୍ରକେ ଭିସା ଆବେଦନ୍ ସୁବିଧା ମିଳିପାର୍‌ବା ବଲି ସ୍ୱରାଷ୍ଟ୍ର ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜନଗଣନା ଆର୍‌ଏନ୍‌ୟୁ/ କଟକ୍

ଦେଶେ ଆଏଜ୍‌ଠାନୁ ପହେଲା ଖେପ୍ ଜନଗଣନା ମୁଲ୍ ହେଉଛେ । ପହେଲା ଖେପେ ୧୫ ଦିନ୍ ଧରିକରି ସ୍ୱଗଣନା କରାଯିବା । ଇଥି ୩୩ଟା ପ୍ରଶ୍ନର୍ ଜରିଏ ଉତର୍ ଦେବାର୍ ବ୍ୟବସ୍ଥା କରାଯାଇଛେ । ଦେଶେ ପହେଲାଥର୍ ଲାଗି ଡିଜିଟାଲ୍ ଜନଗଣନା ମୁଲ୍ ହେଉଛେ । ରାଜ୍ୟପାଲ୍‌ଙ୍କର୍‌ନୁ ଇ ଜନଗଣନା ମୁଲ୍ ହେବା । ଜନଗଣନା ଆର୍.ଟି.ଆଇ ପରିସର୍‌ଭୁକ୍ତ ନାଇଁ ହୁଏ ।

ନୂଆଁ ଆୟକର ଆଇନ୍ ଏନ୍‌ଏସ୍‌ଡି

ନୂଆଁ ଆର୍ଥିକ୍ ବଛର୍ ସହେତେ ଆଏଜ୍‌ଠାନୁ ସାରା ଦେଶେ ନୂଆଁ ଆୟକର ଆଇନ୍ କାର୍ଯ୍ୟକାରୀ ହେଉଛେ । ଇ ଆଇନ୍ ଗଲା ୬ ଦଶନ୍ଧିନୁ ଚାଲୁଥିବା ପୁର୍‌ନା ପ୍ରତ୍ୟକ୍ଷ ଟିକସ୍ ଆଇନ୍‌କେ ବାଦ୍ ଦେବା । ଇଥି ଅନୁପାଲନ୍ ବ୍ୟବସ୍ଥା, ଶବ୍ଦ ଆଉ ଟିକସ୍ କ୍ଷେତ୍ରଥି ଭିନ୍ ଭିନ୍ ପରିବର୍ତନ୍ ଦେଖ୍‌ବାର୍‌କେ ମିଲ୍‌ବା । ଆୟକର ଫାଇଲିଂକେ ସରଳୀକରଣ୍ କର୍‌ବାର୍ ଆଉ ଟିକସ୍‌ଦାତାମାନେ ବୁଝିପାର୍‌ବା ବାଗିର୍ ଶବ୍ଦମାନ୍‌କୁ ଇ ଆଇନ୍‌ଥି ପ୍ରାଥମିକତା ଦିଆଯାଇଛେ । ଇତାର୍‌ଛଡ଼ା ଆୟକର ରିଟର୍ଣ୍ଣ ଫାଇଲ୍ କର୍‌ବାର୍

ସମିଆକେ ଭିଲ୍ ପରିବର୍ତନ୍ କରାଯାଇଛେ । ବେତନ୍‌ଭୋଗୀ କର୍ମଚାରୀମାନ୍‌କର୍ ଲାଗି ଇ ସମିଆ ଜୁଲାଇ ୩୧ ତାରିଖ୍ ଅପରିବର୍ତିତ୍ ରହିଛେ ।

ଏସ୍‌ଆଇଆର୍         ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏଜ୍‌ଠାନୁ ମୁଲ୍ ହେବାର୍‌କେ ଥିବା ଭୋଟର୍ ତାଲିକାର୍ ସ୍ୱତନ୍ତ୍ର ସଘନ ସଂଶୋଧନ୍ ଏସ୍‌ଆଇଆର୍‌କେ ସ୍ଥଗିତ୍ ରଖାଯାଇଛେ । ଭିନ୍ ଭିନ୍ ରାଜ୍ୟର୍ ବିଧାନ୍‌ସଭା ନିର୍ବାଚନ୍‌କେ ନଜର୍‌ଥି ରଖିକରି ଇତାକେ ସ୍ଥଗିତ୍ ରଖାଯାଇଛେ । ରାଏଜେ ଇହାଦେତକ୍ ୯୦ ପ୍ରତିଶତ୍ ମେପିଂ ଶେଷ୍ ହେଇଛେ । ୨୦୦୨ ଆଉ ୨୦୨୫ ଭୋଟର୍ ତାଲିକା ଆଧାର୍‌ଥି ଇ ମେପିଂ କରାଯାଉଛେ ।

ସୁଭଦ୍ରା          ଆଇ.ଆଣ୍ଡ୍.ପି.ଆର୍

ସୁଭଦ୍ରା ଯୋଜ୍‌ନା ଲାଗି ଆଏଜ୍‌ଠାନୁ ନୂଆଁ ପଞ୍ଜିକରଣ୍ ମୁଲ୍ ହେଉଛେ । ମହିଳା ଆଉ ଶିଶୁବିକାଶ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ

ଏପ୍ରିଲ୍ ୩୦ ତାରିଖ୍‌ତକ୍ ସୁଭଦ୍ରା ପୋର୍ଟାଲ୍ ଜରିଏ ଯୋଗ୍ୟ ହିତାଧିକାରୀମାନେ ଆବେଦନ୍ କରିପାର୍‌ବେ । ଆଘୋନୁ ଆବେଦନ୍ ନାଇଁ କରିଥିବା ଯୋଗ୍ୟ ହିତାଧିକାରୀମାନେ ପଞ୍ଜିକରଣ୍ କରିପାର୍‌ବେ । ଇଥିର୍‌ଲାଗି ସବୁ ଅଙ୍ଗନବାଡ଼ି କେନ୍ଦ୍ର ଆଉ ସିଡ଼ିପିଓ କାର୍ଯ୍ୟାଳୟ ନ ଫର୍ମ ଯୁଗେଇ ଦିଆଯିବା ।

ଖଡ଼ିଛୁଆଁ ଉତ୍ସବ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବାକାଏଲ୍‌ଠାନୁ ହେବାର୍‌କେ ଥିବା ଖଡ଼ିଛୁଆଁ ଉତ୍ସବ୍‌କେ ଅନିବାର୍ଯ୍ୟ କାରଣ୍ ଲାଗି ଘୁଁଚେଇ ଦିଆଯାଇଛେ । ୨ ତାରିଖ୍ ବଦ୍‌ଲେ ଆଏବା ୪ ତାରିଖ୍ ଦିନ ସାରା ରାଏଜେ ଖଡ଼ିଛୁଆଁ ଉତ୍ସବ୍ ପାଲନ୍ କରାଯିବା । ଇ ବାବ୍‌ଦେ ସବୁ ଜିଲ୍ଲା ଶିକ୍ଷା ଅଧିକାରୀମାନ୍‌କୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍ -ଓସେପା ତର୍‌ଫୁ ଚିଠି କରାଯାଇଛେ । ସୂଚ୍‌ନା ଅନ୍‌ସାରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟସ୍ତରୀୟ ଖଡ଼ିଛୁଆଁ ଉତ୍ସବ୍‌ଥି ଯୋଗ୍ ଦେଇକରି ଛୁଆମାନ୍‌କୁ ଖଡ଼ିଛୁଆଁବେ ।

ଓଡ଼ିଆପକ୍ଷ-ରକ୍ତଦାନ୍ ଆଇ ଆଣ୍ଡ୍ ପି.ଆର୍

ଓଡ଼ିଆପକ୍ଷ ପାଲନ୍ ଅବ୍ସରେ ଆଏବା ୮ ତାରିଖ୍ ହେବାର୍କେ ଥିବା ରକ୍ତଦାନ୍ ଅଭିଯାନ୍ ପାଲନ୍କେ ସଫଲ୍ କର୍ବାର୍ ଲାଗି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍ଫୁ ଗଲାକାଏଲ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍ଥି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ସଚିବ ଅଶ୍ୱତୀ ଏସ୍. ଅଧ୍ୟକ୍ଷତା କରିକରି ଇ ଅଭିଯାନ୍ ଦିନ ରାଏଜେ ରକ୍ତସଂଗ୍ରହ ସହେତେ ସୁରକ୍ଷିତ୍ ରକ୍ତଦାନ୍ ଲାଗି ସଚେତନତା ସୃଷ୍ଟି କର୍ବାର୍ ବାବ୍ଦେ ଆଲୋଚନା କରିଥିଲେ ।

ଜାତୀୟ ଜନଗଣନା-ସଚେତନତା ରେଲ ନୂଆପଡ଼ା

ଜାତୀୟ ଜନଗଣନା ୨୦୨୭କେ ନେଇକରି ସାଧାରଣ ଲୁକଙ୍କର୍ ଭିତ୍ରେ ସଚେତନତା ସୃଷ୍ଟି କର୍ବାର୍ ଲାଗି ନୂଆପଡ଼ା ଜିଲ୍ଲା ପ୍ରଶାସନ୍ ତର୍ଫୁ ଗୁଟେ ବିଶାଳ ସଚେତନତା ରେଲିର ଆୟୋଜନ୍ କରାଯାଇଥିଲା । ଶୋଭାଯାତ୍ରାକେ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ

ଶୁଭାରମ୍ଭ କରିଥିଲେ । ଇତାର୍‌ସହେତେ ଗୁଟେ ହସ୍ତାକ୍ଷର୍ ଅଭିଯାନ୍‌ର ଭିଲ୍ ଆୟୋଜନ୍ କରାଯାଇଥିଲା ।

ଗୁଦ୍‌ଗୁଦା ମହୋତ୍ସବ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା କୁଚିଣ୍ଡା ନ ଚାଲିଥିବା ଗୁଦ୍‌ଗୁଦା ମହୋତ୍ସବ୍ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ସଞ୍ଜେ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍, ଆରକ୍ଷୀ ଅଧିକ୍ଷକ୍ ମୁକେଶ୍ ଭାମୁ, ମହାନଗର୍ ନିଗମ୍ ଆୟୁକ୍ତ ରେହାନ୍ କ୍ଷେତ୍ରୀ ପ୍ରମୁଖ ଅତିଥି ଭାବେ ଯୋଗ୍ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ଭିନ୍ ଭିନ୍ ଜିଲ୍ଲାନୁ ଆସିଥିବା ସାଂସ୍କୃତିକ୍ ଦଲ୍ ମାନେ ନାଚ୍‌ଗୀତ୍ ପରିବେଷଣ୍ କରିଥିଲେ ।